## ଆଜି କ'ଣ କେଉଁଠି

**କ.ନୂଆଗାଁ**

- ଅଭିଭାବକଙ୍କ ସହଭାଗିତା କାର୍ଯ୍ୟକ୍ରମ। ସ୍ଥାନ- ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ। ସମୟ- ପୂର୍ବାହ୍ନ ୧୦ଟା

# ଛାତ୍ର ସଂସଦ ନିର୍ବାଚନ ଦାବି ତେଜିଲା



ଖଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ବ୍ରହ୍ମପୁର,୧୫।୯(ସ୍ମୃତି ରଞ୍ଜନ ମହାଲିକ୍)

ରାଜ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଦାବି ନେଇ ସାରା ଓଡ଼ିଶା ପ୍ରତିବାଦ ଦିବସ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ୍ସ ଅର୍ଗାନାଇଜେସନ୍ (ଏଆଇଡିଏସ୍ଓ) ପକ୍ଷରୁ ପାଳନ କରାଯାଇଛି। ଶୁକ୍ରବାର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ପ୍ରଦାନ କରାଯାଇଛି। ଏଆଇଡିଏସଓ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ଗତ ୫ବର୍ଷ ହେଲା ବିଭିନ୍ନ ଆଳ ଦେଖାଇ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ ଭଳି ଶିକ୍ଷାମାରଣ ନୀତି ବିରୋଧରେ ଗଢି ଉଠୁଥିବା ଛାତ୍ର ଆନ୍ଦୋଳନକୁ ପଣ୍ଡ କରିବା ପାଇଁ ଷଡଯନ୍ତ୍ର କରୁଛନ୍ତି। ଏହାର ପ୍ରତିବାଦ ସହ ଛାତ୍ର ସଂସଦ ନିର୍ବାଚନ ଦାବିରେ ଆନ୍ଦୋଳନ କରାଯାଉଛି। ବିକ୍ଷୋଭରେ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଶିବାନୀ ଶଙ୍କର ମିଶ୍ର, ଜିଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁଙ୍କ ସମେତ ଶୁଭସ୍ମିତା ପାଣିଗ୍ରାହି, କିସାନ କୁମାର ସାହୁ, ଅଜୟ ବିଷୋୟୀ ଓ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଗଛରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ

ବୁଗୁଡା,୧୫।୯ (କାଳି ଚରଣ ଦାଶ)

ବୁଗୁଡା ବଡଦାଣ୍ଡ ସାହିରେ ଶୁକ୍ରବାର ଏକ ଗଛ କାଟୁଥିବା ବେଳେ ଖସି ପଡି ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବୁଗୁଡ଼ା ଓଡ଼ିଆ ସାହିର ଗୋବରା ପ୍ରଧାନ (୫୫)। ପ୍ରକାଶ ଯେ, ବଡ଼ଦାଣ୍ଡ ସାହି ରାସ୍ତା କଡରେ ଲାଗିଥିବା କଦମ୍ବ ଗଛରେ ବଗମାନେ ବସି ମଳତ୍ୟାଗ କରୁଥିବାରୁ ସେହି ସାହିର ଜଣେ ବ୍ୟକ୍ତି ଗୋବରାଙ୍କୁ ଡାଳ ହାଣିବା କାମରେ ଲଗାଇଥିଲେ। ସେ ଡାଳ ହାଣିବା ବେଳେ ଅସାବଧାନତାରୁ ଖସି ପଡିଥିଲେ। ଦମକଳ ବାହିନୀ ଦ୍ୱାରା ତାଙ୍କୁ ଉଦ୍ଧାର କରାଯାଇ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶଙ୍ଖ ଭବନରେ ତାଲିମ ନେଲେ ବ୍ରହ୍ମପୁର ବିଜେଡି କର୍ମୀ

ବ୍ରହ୍ମପୁର,୧୫।୯(ନରସିଂହ ସାହୁ)

ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦୦ରୁ ଅଧିକ ବିଜେଡି କର୍ମୀ ଶୁକ୍ରବାର ଭୁବନେଶ୍ୱର ଶଙ୍ଖ ଭବନକୁ ଯାଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ସେମାନଙ୍କୁ ରାଜନୀତି ରଣନୀତି ନେଇ ତାଲିମ ଦିଆଯାଇଥିଲା। ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ନେତୃତ୍ୱରେ ମହାନଗରର ସବୁ ୱାର୍ଡରୁ ଅନ୍ୟୁନ ୩ ଜଣ ଲେଖାଏ ମହିଳା ଓ ପୁରୁଷ କର୍ମୀ ଯାଇଥିଲେ। ବିଜେଡି କର୍ପୋରେଟରମାନେ କର୍ମୀଙ୍କ ସହ ଥିଲେ। କର୍ମୀ ଓ ନେତାମାନେ ରାତିରେ ଫେରିଛନ୍ତି। ମହାନଗରରେ ଦଳର ସଂଗଠନକୁ ଆହୁରି ଅଧିକ ମଜଭୁତ କରିବା ପାଇଁ ଶଙ୍ଖ ଭବନରେ ସଚେତନ କରାଯାଇଥିଲା। ତାଲିମପ୍ରାପ୍ତମାନେ ୱାର୍ଡଗୁଡ଼ିକର ଘରକୁ ଘର ଯାଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ସମ୍ପର୍କରେ ଅବଗତ କରାଇବାକୁ ପରାମର୍ଶ ଦିଆଯାଇଥିଲା। ତାଲିମପ୍ରାପ୍ତ ଯୁବତୀ ଓ ଯୁବକମାନେ ତୃଣମୂଳ ସ୍ତରରେ ପ୍ରଚାର ଅଭିଯାନକୁ ବ୍ୟାପକ କରିବା ଲାଗି ଟ୍ରେନେର ମାଷ୍ଟରମାନେ ପରାମର୍ଶ ଦେଇଛନ୍ତି। ମହାନଗରରେ ୪୨ ୱାର୍ଡ ରହିଛି। ବିଜେଡିରୁ ନିର୍ବାଚିତ ହୋଇଥିବା ୩୦ କର୍ପୋରେଟର କର୍ମୀଙ୍କ ସହ ଯାଇଥିଲେ। ଅବଶିଷ୍ଟ ୧୨ ୱାର୍ଡର ପରାଜିତ ପ୍ରାର୍ଥୀ କର୍ମୀଙ୍କ ସହ ଯୋଡ଼ି ହୋଇଥିଲେ।

## ଉତ୍ତର ଘୁମୁସର ବନଖଣ୍ଡ ଜାଇକା ପ୍ରକଳ୍ପର ସମୀକ୍ଷା




ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭଞ୍ଜନଗର,୧୫।୯(ବାବୁଲା ପ୍ରଧାନ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଜାଇକା ପ୍ରକଳ୍ପ ମାଧ୍ୟମରେ ଅନେକ ଯୋଜନା ଚାଲିଛି। ଶୁକ୍ରବାର ସ୍ଥାନୀୟ ଟାଉନ ହଲ ପରିସରରେ ଉକ୍ତ ଯୋଜନାର ବାର୍ଷିକ ସମୀକ୍ଷା କରାଯାଇଛି। ଡିଏଫଓ ସୁଦର୍ଶନ ବେହେରା ଏଥିରେ ଅଧ୍ୟକ୍ଷତା କରି ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ଲୋକଙ୍କ କିଭଳି ଆର୍ଥିକ ମାନଦଣ୍ଡରେ ଉନ୍ନତି ଆସିଛି ଏବଂ ଜଙ୍ଗଲ ସୁରକ୍ଷା ଉପରେ କହିଥିଲେ। ଆର୍‌ସିସିଏଫ ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାଇକା ପ୍ରକଳ୍ପର ଡେପୁଟି ପିଡି ଜୟନ୍ତ ବରିହା, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଞ୍ଜାମ ଜିଲା ଅଧ୍ୟକ୍ଷ ବିଦ୍ୟାଧର ଜାନି , ଏସଡିଭିଓ, କୃଷି ବୈଜ୍ଞାନିକ ଡଃ ସିଦ୍ଧାର୍ଥ ରଣବିଜୁଳି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୫।୯(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଅଖିଳ ଭାରତୀୟ ରାଜନୀତି ବିଜ୍ଞାନ ପରିଷଦର ସଭାପତି ଭାବେ ମନୋନୀତ ହୋଇଥିବା କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିଲାଗି ଆୟୋଜିତ ସଭାରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଅଧ୍ୟକ୍ଷତା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ ଏବଂ ପ୍ରଫେସର ଅମିୟ କୁମାର ପରିଚ୍ଛା ମଞ୍ଚାସୀନ ରହିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଓ ମଞ୍ଚାସୀନ ପ୍ରଫେସର ଓ ଅଧ୍ୟାପକ ମାନେ କୁଳପତି ପ୍ରଫେସର ଦାସଙ୍କ ବ୍ୟକ୍ତିତ୍ୱ ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ଦାସ ରାଜ୍ୟର ଏକମାତ୍ର ଓ ପ୍ରଥମ ମହିଳା ଭାବେ ଏଭଳି ସଫଳତାର ଅଧିକାରିଣୀ ହୋଇପାରିଥିବାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିମନ୍ତେ ଏହା ଗର୍ବ ଓ ଗୌରବର ବିଷୟ ବୋଲି ଉଲ୍ଲେଖ କରିଥିଲେ। ପ୍ରଫେସର ଦାସଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେମିନାର ସମ୍ପାଦିକା ସଫଳତା ଦାସ, ସଂଯୋଜକ ରାଜେଶ ସେଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧ୍ୟାପକ ସଞ୍ଜୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବିପର୍ଯ୍ୟସ୍ତ ରାସ୍ତା ପ୍ରତିବାଦରେ ଭାଜପାର ବିକ୍ଷୋଭ



ଶୋଚନୀୟ ରାସ୍ତା।



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଭାଜପା ନେତା ଓ କର୍ମୀମାନେ।

କୋଦଳା,୧୫।୯ (ଅମିତ କୁମାର ପଟ୍ଟନାୟକ)

କୋଦଳା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଥିବା କୋଦଳା-ଭୋଦୁଆ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହାକୁ ନେଇ ଶୁକ୍ରବାର ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଛି। ବରିଷ୍ଠ ନେତ୍ରୀ ଅନିତା ଶୁଭଦର୍ଶିନୀ, ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ନାୟକ, କୋଦଳା ଏନ୍‌ଏସି ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ, ଉପାଧ୍ୟକ୍ଷା ରଞ୍ଜିତା ସେଠି, କାଉନସିଲର ରୀତାଞ୍ଜଳି ମିଶ୍ର, ସୁଧାଂଶୁ ବେହେରାଙ୍କ ସମେତ ବହୁ କର୍ମୀ ରାସ୍ତାରେ ପ୍ରତିବାଦ ଜଣାଇଛନ୍ତି। ଆଗାମୀ ୭ ଦିନ ମଧ୍ୟରେ କାମ ଆରମ୍ଭ ନ ହେଲେ ରାସ୍ତାରୋକୋ କରାଯିବ ବୋଲି ଦାବିପତ୍ର ଦେଇଛନ୍ତି।

### ଟେଣ୍ଡରର ୨ ମାସ ପରେ ବି କାମ ଆରମ୍ଭ ହୋଇନି

କୋଦଳା -ଭୋଦୁଆ ରାସ୍ତା ଉପରେ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ଐତିହାସିକ ଝାଡ଼େଶ୍ୱର ଏବଂ କୋଦଳା ଦଣ୍ଡେଶ୍ୱର ମନ୍ଦିରକୁ ପ୍ରତ୍ୟେକ ଦିନ ବହୁ ଶ୍ରଦ୍ଧାଳୁ ଏହି ରାସ୍ତା ଦେଇ ଯା'ଆସ କରନ୍ତି। ଗତ କିଛିଦିନ ପୂର୍ବେ ରାସ୍ତା ଶୋଚନୀୟ ଯୋଗୁ ଏକ କାର ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ତଥାପି କୋଦଳା ଗ୍ରାମ୍ୟଉନ୍ନୟନ ବିଭାଗର ନିଦ ଭାଙ୍ଗୁନି। ସୂଚନା ଅନୁସାରେ ଉକ୍ତ ରାସ୍ତା ନିର୍ମାଣ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟିଠିନଂ ୩୦୨୮ ଅନୁସାରେ ଗତ ଜୁଲାଇରୁ ଟେଣ୍ଡର ସାରଛି। ତେବେ ୨ ମାସ ପରେ ବି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ନେଇ ବିଭାଗୀୟ ଯନ୍ତ୍ରୀ ଦିଲୀପ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରୁ ଟେଣ୍ଡର ହୋଇଥିଲେ ବି ଏଗ୍ରିମେଣ୍ଟ ହୋଇ ନ ଥିବାରୁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଯଥାଶୀଘ୍ର ଏଗ୍ରିମେଣ୍ଟ କରି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ତୁରନ୍ତ ରାସ୍ତା କାମ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ଆଇଟିଆଇର ୧୧ ଛାତ୍ରୀଛାତ୍ର ରାଜ୍ୟ ଟପ୍ପର

### ଏଆଇଟିଟି ପରୀକ୍ଷା

ବ୍ରହ୍ମପୁର,୧୫।୯(ସ୍ମୃତି ରଞ୍ଜନ ମହାଲିକ)

ସର୍ବଭାରତୀୟ ଏଆଇଟିଟି ପରୀକ୍ଷାରେ ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ)ର ୧୧ ଜଣ ଛାତ୍ରୀଛାତ୍ର ରାଜ୍ୟ ଟପ୍ପର ହୋଇଛନ୍ତି। ସୂଚନା ମୁତାବକ, ଅଲ ଇଣ୍ଡିଆ ଟ୍ରେଡ ଟେଷ୍ଟ (ଏଆଇଟିଟି) ପରୀକ୍ଷାରେ ଆଇଟିଆଇର ୨୬ଟି ଟ୍ରେଡରେ ୧୬ଶହରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୧୧ଟି ଟ୍ରେଡରୁ ୧୧ଜଣ ଛାତ୍ରୀଛାତ୍ର ରାଜ୍ୟ ଟପ୍ପର ହୋଇଛନ୍ତି। ଇଲେକୋଟ୍ରୋନିକ୍ସ, ମେକାନିକ, ମେକାନିକ ଏଗ୍ରିକଲଚର, ମେସିନାରୀ, ସର୍ଭେୟର, ଟେକ୍ନିସିଆନ ଓ ମେକାଟ୍ରୋନିକ୍ସର ଛାତ୍ରୀଛାତ୍ର ଟପ୍ପର ହୋଇଛନ୍ତି। ଆସନ୍ତା ୧୮ ତାରିଖରେ କଟକ ଆଇଟିଆଇଠାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଆଇଟିଆଇ ଅଧ୍ୟକ୍ଷ ଡ ରଜତ କୁମାର ପାଣିଗ୍ରାହୀ ରାଜ୍ୟ ଟପ୍ପର ହୋଇଥିବା ଛାତ୍ରୀଛାତ୍ର ଓ ଟ୍ରେଡର ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୩୪ ୟୁନିଟ ରକ୍ତ ସଂଗୃହୀତ

ଆସିକା,୧୫।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ କଲେଜ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଉଦ୍ୟମରେ ଶୁକ୍ରବାର ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ କଲେଜ ପରିଚାଳନା କମିଟି ସଭାପତି ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ପ୍ରାଧ୍ୟାପକ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ୩୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଭଞ୍ଜନଗର ରକ୍ତଭଣ୍ଡାରର ମୁଖ୍ୟ ସଂଗ୍ରାହକ ବିପିନ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ରେଡକ୍ରସ ଉପଦେଷ୍ଟା ରାଜେଶ କୁମାର ସାହୁ, ଅଜିତ ମୁନି ଓ ଏନଏସଏସ ଅଧିକାରୀ ପବିତ୍ର ଧଙ୍ଗଡା ମାଝି, ଚନ୍ଦନ ମାରାଣ୍ଡି, ଅଧ୍ୟାପିକା ମଞ୍ଜୁ ଡାକୁଆ ଶିବିର ପରିଚାଳନା କରିଥିଲେ।

## ଇକୋ ଫ୍ରେଣ୍ଡଲି ମୂର୍ତ୍ତି ନିର୍ମାଣ ପ୍ରଶିକ୍ଷଣ

ବ୍ରହ୍ମପୁର,୧୫।୯(ସ୍ମୃତି ରଂଜନ ମହାଲିକ୍)



ଛାତ୍ରୀମାନେ ନିର୍ମାଣ କରିଥିବା ମୂର୍ତ୍ତି ।

ସବୁଜବାହିନୀ ପକ୍ଷରୁ ପୁରୁଣା ବ୍ରହ୍ମପୁରସ୍ଥିତ ପୌର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରକୃତି ଅନୁକୂଳ ବା ଇକୋ ଫ୍ରେଣ୍ଡଲି ପଦାର୍ଥରେ ଗଣେଶ ମୂର୍ତ୍ତି ନିର୍ମାଣ ଲାଗି ପ୍ରଶିକ୍ଷଣ ଦିଆଯାଇଥିଲା। ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ଛାତ୍ରୀଛାତ୍ରଙ୍କୁ ମାଟି, କାଦୁଅ, ହଳଦୀ ଓ କୁଙ୍କୁମ ସାହାଯ୍ୟରେ କିଭଳି ମୂର୍ତ୍ତି ନିର୍ମାଣ ହେବ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରୀଛାତ୍ର ମଧ୍ୟ ନିଜ ଉଦ୍ୟମରେ ମୂର୍ତ୍ତି ନିର୍ମାଣ କରିଥିଲେ। ବର୍ତ୍ତମାନ ପାର୍ବଣ ଋତୁରେ ବିଭିନ୍ନ ରସାୟନିକ ପଦାର୍ଥରେ ମୂର୍ତ୍ତି ନିର୍ମାଣ କରାଯାଉଛି। ଯାହାଦ୍ୱାରା ମୂର୍ତ୍ତି ବିସର୍ଜନ ସମୟରେ ଜଳାଶୟ ଗୁଡ଼ିକ ଦୂଷିତ ହେଉଛି। ଜଳାଶୟ ଉପରେ ନିର୍ଭର କରୁଥିବା ସ୍ଥାନୀୟ ବାସିନ୍ଦା ବିଭିନ୍ନ ଚର୍ମ ରୋଗ ସମସ୍ୟାର ସମ୍ମୁଖୀନ ହେବା ସହ ଜଳଚର ଜୀବଙ୍କୁ କ୍ଷତି ପହଞ୍ଚାଉଛି। ଏଣୁ ପ୍ରକୃତିକୁ ସୁହାଉଥିବା ପଦାର୍ଥରେ ମୂର୍ତ୍ତି ନିର୍ମାଣ କରିବା ପାଇଁ ସବୁଜ ବାହିନୀ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ ପ୍ରକାଶ, ସଙ୍ଗଠନର ସଦସ୍ୟ ପି ବିନୋଦ, ସାଗର କୁମାର ପାତ୍ର, ସୁଜିତ ଗୌଡ଼, ମୁନ୍ନା ଶତପଥୀ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା କୁମାରୀ ପଟ୍ଟନାୟକ, ଇକୋ କ୍ଲବ ଶିକ୍ଷୟିତ୍ରୀ ଲୋପାମୁଦ୍ରା ପଟ୍ଟନାୟକ, ପୂର୍ବତନ ଶିକ୍ଷକ ସନ୍ତୋଷ କୁମାର ରଥ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ପୂର୍ବ ଶତ୍ରୁତାରୁ ଆକ୍ରମଣ: ଜଣେ ଗୁରୁତର

ହିଞ୍ଜିଳିକାଟୁ, ୧୫।୯(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଅନ୍ତର୍ଗତ ରେଗିଡି ସାହିଛକ ନିକଟରେ ବୁଧବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ମୋହନ କଲୋନୀର ସାଗର ସ୍ୱାଇଁ । ତାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ, ଓ ପରେ ଭୁବନେଶ୍ୱର ଓ ସେଠାରୁ ଅଧିକ ଚିକିତ୍ସା ଲାଗି କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ବୁଧବାର ରାତିରେ ସାଗର ରେଗିଡି ସାହି ହନୁମାନ ମନ୍ଦିର ନିକଟ ପାର୍କ ନିକଟରେ ବସିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଯୁବକ ଆସି ତାଙ୍କ ସହ ବଚସା କରିଥିଲେ। ପରେ ସେମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସାଗରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ସାଗରଙ୍କ ମା' ମାମି ସ୍ୱାଇଁଙ୍କ ଏତଲାକ୍ରମେ ପୋଲିସ ୬୬୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଅଟଳ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଘର ନିର୍ମାଣ ଆଳରେ ୧୦ ଲକ୍ଷ ଠକିନେଲେ ଠିକାଦାର

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଠିକାଦାର ଘର ନିର୍ମାଣ କରିବାକୁ ଅଗ୍ରୀମ ଟଙ୍କା ନେଇ ଠକିଛନ୍ତି। ତାଙ୍କୁ ଟଙ୍କା ମାଗିଲେ ଧମକ ଦେଉଥିବା ଅଭିଯୋଗ ବୈଦ୍ୟନାଥପୁର ଥାନାରେ ହୋଇଛି। ଖଜୁରିଆର ସ୍ୱର୍ଗତ ରାମନାଥ ସାହୁଙ୍କ ସ୍ତ୍ରୀ ସଂଯୁକ୍ତା ଏଭଳି ଠକାମୀର ଶିକାର ହୋଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଘର କରିବା ପାଇଁ ତାଙ୍କ ସ୍ୱାମୀ ପୂର୍ବରୁ ଜଣେ ଠିକାଦାରଙ୍କୁ ୧୦ ଲକ୍ଷ ୮୦ ହଜାର ଟଙ୍କା ଦେଇଥିଲେ। ଇତିମଧ୍ୟରେ ସ୍ୱାମୀଙ୍କ ଦେହାନ୍ତ ହୋଇଯିବା ପରେ ଠିକାଦାର ଜଣକ ଆଉ ଘର ନିର୍ମାଣ କଲେନାହିଁ। ଯଦି ଘର ନିର୍ମାଣ କରିବନି ତାହେଲେ ସ୍ୱାମୀଙ୍କ ଠାରୁ ନେଇଥିବା ଟଙ୍କା ଫେରାଅ ବୋଲି ସଂଯୁକ୍ତା ଠିକାଦାରଙ୍କୁ କହିଥିଲେ ମଧ୍ୟ ସେ ଶୁଣିଲେନି। ଓଲଟା ତାଙ୍କୁ ହତ୍ୟା ଧମକ ଦେଉଛନ୍ତି। ଏ ନେଇ ସଂଯୁକ୍ତା ବ୍ରହ୍ମପୁର ଏସଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏସଂକ୍ରାନ୍ତରେ ଏକ ୱାନସିସି ମାମଲା ରୁଜୁ କରି ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶ ଅନୁସାରେ ବୈଦ୍ୟନାଥପୁର ଥାନା ପୋଲିସ ୨୭୬/୧୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
ACCOUNTANT (Talley)
DATA ENTRY OPERATOR
(Talley & MS Office)
Attend Interview at
NISHAMANI PALACE
Bomikhal, Bhubaneswar-10
On any day.
Ph.No. 7978586205 / 9338554697

ASRIBADA PANCHAKARMA
HERBAL SPA
Female therapist required
Kesarimall, Bhubaneswar
Contact:8926173473

VACANCY
OM Surgical and Chemicals
needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax, (Salary negotiable).
Send CV at omsurgical@yahoo.co.in
Mob. No.: 9437014935

ସିକ୍ୟୁରିଟି ଗାର୍ଡ଼ ଆବଶ୍ୟକ
ସିକ୍ୟୁରିଟି ଗାର୍ଡ଼ର ବଡ଼ ଧରଣର ନିଯୁକ୍ତି
ଓଡ଼ିଶାର ସବୁ ଜିଲ୍ଲାରେ ନିଯୁକ୍ତି
ଦରମା : ୧୨୦୦୦/- ରୁ ୧୮,୦୦୦/-
ରହିବା ପାଇଁ ଘର, ଖାଇବା ମେସ୍
Real King Security Service
8984433623



